## ସଂକ୍ଷେପରେ

### ଗାଁ ଖୁଣ୍ଟରେ ବନ୍ଧାହେଲେ

**କଣିହାଁ, ୧୪।୧୨(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଥାନା ଅଞ୍ଚଳର ଏକ ଗ୍ରାମର ବିଦ୍ୟୁତ୍ ଖୁଣ୍ଟରେ ସୋମବାର ଜଣେ ବ୍ୟକ୍ତିଙ୍କୁ ବାନ୍ଧି ଦିଆଯାଇଥିଲା। ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ନେଇ ଚର୍ଚ୍ଚା ହେବାପରେ ଗ୍ରାମର କେତେଜଣ ଲୋକ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଦେଇଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପରେ ପୋଲିସ ପହଞ୍ଚି ବ୍ୟକ୍ତି ଜଣଙ୍କୁ ହେପାଜକୁ ନେଇଥିଲା। ଏ ସମ୍ପର୍କରେ ଆଇଆଇସି ସରୋଜକାନ୍ତ ସାମଲ କହିଛନ୍ତି, ବଳାତ୍କାର ନେଇ କେହି ଥାନାରେ ଅଭିଯୋଗ କରିନାହାନ୍ତି। ଘଟଣାସ୍ଥଳକୁ ଯାଇ ତଦନ୍ତ କରାଯାଉଛି। ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ।

### ନାଲ୍‌କୋର ୨ କର୍ମଚାରୀଙ୍କ ମୃତ୍ୟୁ

**ବଣ୍ଟାଁରପାଳ, ୧୪।୧୨(ଡି.ଏନ.ଏ.):** ଅନୁଗୋଳ ଜିଲା ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟର ୨ଜଣ କର୍ମଚାରୀଙ୍କ ସୋମବାର ମୃତ୍ୟୁ ଘଟିଛି। ସେମାନେ ହେଲେ ମାଧବ ଚନ୍ଦ୍ର ସିଂ ଏବଂ ନବକିଶୋର ସଏ। ଉଭୟେ କରୋନା ସଂକ୍ରମିତ ହୋଇ ଚିକିତ୍ସାଧୀନ ଥିବା ନାଲ୍‌କୋ ହସ୍ପିଟାଲ ପକ୍ଷରୁ କୁହାଯାଇଛି। ସେମାନଙ୍କ ବିୟୋଗରେ ନେପ୍ସୁ ୟୁନିୟନ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। କାର୍ଯ୍ୟକାରୀ ସଭାପତି ମାଙ୍ଗି ଲାଲ ସାମଲ, ସାଧାରଣ ସମ୍ପାଦକ ବୈରାଗୀ ସେଠ, ସ୍ୱରୂପ ରଞ୍ଜନ ଗଡ଼ନାୟକ, ଗଣେଶ୍ୱର ବେହେରା, ରବୀନ୍ଦ୍ର ନାୟକ ପ୍ରମୁଖ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ୨ ବଖରା ଜଳିଗଲା

**ଛେଣ୍ଡିପଦା, ୧୪।୧୨(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ନୂଆଗାଁ ପଞ୍ଚାୟତ ବଡ଼ସାହି ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି ବିଜୟ ସେଠୀଙ୍କ ୨ ବଖରା ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ପ୍ରାୟ ୮୦ ହଜାରରୁ ଅଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଜଣାପଡିଛି। ଖବରପାଇ ଛେଣ୍ଡିପଦା ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ ଲୋକେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଅଗ୍ନିବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହ ସରକାରୀ ନିୟମାନୁଯାୟୀ ସମସ୍ତ ସହାୟତା ତୁରନ୍ତ ଯୋଗାଇଦେବାକୁ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ବୋମା ଚୋବାଇ ୨ ବଳଦ ଗୁରୁତର

**ଛେଣ୍ଡିପଦା, ୧୪।୧୨(ସ୍ୱ.ପ୍ର.):** ବାର୍ହା ଶିକାର ଉଦ୍ଦେଶ୍ୟରେ ଘାସ ପଡ଼ିଆରେ ପକାଯାଇଥିବା ବୋମା ଚୋବାଇ ଛେଣ୍ଡିପଦା ଥାନା କାଠପାଳ ଗ୍ରାମର ଚୌର ସାହୁଙ୍କ ଦୁଇଟି ବଳଦ ଗୁରୁତର ହୋଇଥିବା ବାଗଡ଼ିଆ ଫାଣ୍ଡିରେ ଅଭିଯୋଗ ହୋଇଛି। ରବିବାର ଏହି ଘଟଣା ଘଟିଥିବା ନେଇ ଚୌର ଏତଲା ଦେଇଥିଲେ ମଧ୍ୟ ପୋଲିସ ଅସହାୟତା ପ୍ରକାଶ କରିଥିବା ସୂଚନା ମିଳିଛି। ସେହିପରି ଛେଣ୍ଡିପଦା ବନ ବିଭାଗ କର୍ତ୍ତୃପକ୍ଷ ଉକ୍ତ ଘଟଣା ଜଙ୍ଗଲ ଅଞ୍ଚଳରେ ଘଟି ନ ଥିବା ସଫେଇ ଦେଇଛନ୍ତି ବୋଲି ଚୌର ପ୍ରକାଶ କରିଛନ୍ତି।

### ଡାକ ବିତରକ ପଦବୀ ପୂରଣ ଦାବି

**ଢେଙ୍କାନାଳ ଅଫିସ, ୧୪।୧୨:** ଢେଙ୍କାନାଳ ସଦର ବ୍ଲକ ବଣସିଂହ ଶାଖା ଡାକଘରେ ଦୁଇ ସପ୍ତାହ ହେଲା ଡାକ ବିତରକ ପଦବୀ ଖାଲିପଡ଼ିଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଏହି ଡାକଘର ଅଧୀନରେ ବଣସିଂହ, ଶଙ୍କରପୁର, ଭୂଇଁପୁର, ମାଧବୋଲୁଅ, ନୂଆଗଡ଼ ଗ୍ରାମର ୭ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଡାକ ବିତରକ ପଦବୀ ଖାଲି ପଡ଼ିଥିବାରୁ ଚିଠି, ଜରୁରୀ କାଗଜପତ୍ର ପହଞ୍ଚାଇବାରେ ସମସ୍ୟା ଉପୁଜିଛି। ତୁରନ୍ତ ଏହି ପଦବୀ ପୂରଣ କରିବା ଲାଗି ଗ୍ରାମ ପରିଚାଳନା ସଭାପତି ଜୟନ୍ତ ହୋତା, ସମ୍ପାଦକ ଶରତ ଶତପଥୀ ଜିଲା ଡାକ ଅଧୀକ୍ଷକଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

### କର୍ମୀ ସଂଗ୍ରହକୁ ଅଗ୍ରାଧିକାର

**ସାତମାଇଲ, ୧୪।୧୨(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ସାତମାଇଲରେ ସୋମବାର କଂଗ୍ରେସ ଜିଲା ସଭାପତି ସରୋଜ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ବ୍ଲକର ୩୫ ପଞ୍ଚାୟତ ସମେତ ଏନ୍‌ଏସିରେ ଅଧିକରୁ ଅଧିକ କର୍ମୀ ସଂଗ୍ରହ କରି ଦଳକୁ ସଙ୍ଗଠିତ କରିବାକୁ ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ମତଭେଦ ଦୂର କରି ଦଳକୁ ସଜାଡ଼ିବାକୁ ମତ ପ୍ରକାଶ ପାଇଥିଲା। ବରିଷ୍ଠ ନେତା ନବୀନ ଚନ୍ଦ୍ର ନାରାୟଣ ଦାସ, ସୁରେଶ ପାଣିଗ୍ରାହୀ, ମମତାଞ୍ଜଳି ବେହେରା, ତ୍ରିନାଥ ବେହେରା, ସୁବାସ ପାଳ, ଛବିରାଜ ବିଶ୍ୱାଳ, ମହେଶ୍ୱର ନାଏକ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।

# ଏବେ ଖୋଲିବନି ଧାର୍ମିକ ଅନୁଷ୍ଠାନ

**ଢେଙ୍କାନାଳ ଅଫିସ, ୧୪।୧୨**


ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲାରେ ଜାନୁୟାରୀ ପ୍ରଥମ ସପ୍ତାହ ଯାଏ କୌଣସି ଧାର୍ମିକ ଅନୁଷ୍ଠାନ ଖୋଲିବ ନାହିଁ। କରୋନା ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିବା ପରେ ଏ ସମ୍ପର୍କିତ ନିଷ୍ପତ୍ତି ନିଆଯିବ। ଶୀତରେ ସଂକ୍ରମଣ ବଢ଼ିବା ଆଶଙ୍କା ଥିବାରୁ ଜିଲାବାସୀଙ୍କୁ ସତର୍କ ହେବାକୁ ପଡ଼ିବ। ଏଥିଲାଗି ବଣଭୋଜି, ସାମୂହିକ ଜନସମାଗମ, ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାରଣ କରାଯାଇଥିବା ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଜିଲା କାର୍ଯ୍ୟାଳୟ ଓସ୍‌ୱାନ ହଲ୍‌ରେ ସୋମବାର ଅପରାହ୍ନରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ କରୋନା ସମୀକ୍ଷା ବୈଠକରେ ଯୋଗଦେଇ କଟକଣା କଡ଼ାକଡ଼ି କରିବାକୁ ଜିଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କରୋନା ନିୟନ୍ତ୍ରଣକୁ ଆଣିବାକୁ ସମସ୍ତ ବ୍ଲକ, ଏନ୍‌ଏସି ଏବଂ ପୌରାଞ୍ଚଳର ସନ୍ଦିଗ୍ଧ ବ୍ୟକ୍ତିଙ୍କ ଏକକାଳୀନ ପରୀକ୍ଷା କରାଯିବ। ଦୈନିକ ୧୧୦୦ ଆଣ୍ଟିଜେନ୍ ଏବଂ ୩୦୦ ଆର୍‌ଟି-ପିସିଆର୍ ପରୀକ୍ଷା କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ପରୀକ୍ଷା ତ୍ୱରାନ୍ୱିତ କରିବାରେ ଅଙ୍ଗନୱାଡି ଏବଂ ଆଶାକର୍ମୀ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସଂକ୍ରମଣ ପ୍ରତିହତ କରିବା ଲାଗି ଜନସଚେତନତା ସୃଷ୍ଟି କରାଯିବ। ଅଙ୍ଗନୱାଡି ଓ ଆଶାକର୍ମୀ ଘରକୁ ଘର ବୁଲି ସ୍ୱାସ୍ଥ୍ୟବସ୍ଥା ତଦାରଖ କରିବେ। ସାମାଜିକ ଉତ୍ସବରେ ୧୦୦ରୁ ଅଧିକ ଜନସମାଗମ ହେଲେ ଜରିମାନା ଆଦାୟ କରାଯିବ। ବଡ଼ଦିନ ଏବଂ ନୂଆବର୍ଷରେ ପର୍ଯ୍ୟଟନସ୍ଥଳୀରେ ବଣଭୋଜିକୁ ବାରଣ କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି।

- ଦୈନିକ ୧୧୦୦ ଆଣ୍ଟିଜେନ୍ ଟେଷ୍ଟ
- ଘର ଘର ବୁଲି ଯାଞ୍ଚ ହେବ ସ୍ୱାସ୍ଥ୍ୟାବସ୍ଥା

ବୈଠକରେ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଡେପୁଟି କଲେକ୍ଟର ସୀତାଂଶୁ ଶେଖର ଦାସ, ଆପତକାଳିନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ଡିଆଇପିଆର୍‌ଓ ସୁଶାନ୍ତ ମିଶ୍ର, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଓଡ଼ାପଡ଼ା ତହସିଲଦାର ସାଗରିକା ସାହୁ, ପୌର ନିର୍ବାହୀ ଅଧିକାରୀ ଅତନୁ ସାମନ୍ତ, ଜିଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ, ମେଡିକାଲ ଅଫିସର ଡା. ମିହିର କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଲୋଚନା ନ କରି ଅଣାଯାଇଛି କୃଷି ଆଇନ

**ଢେଙ୍କାନାଳ ଅଫିସ, ୧୪।୧୨**

କୃଷି ଆଇନ ପ୍ରତ୍ୟାହାର, ଏମ୍‌ଏସ୍‌ପିର ଆଇନଗତ ଗ୍ୟାରେଣ୍ଟି, ସ୍ୱାମୀନାଥନ୍ କମିଟିର ସୁପାରିସ କାର୍ଯ୍ୟକାରୀ ଆଦି ଦାବିରେ ଢେଙ୍କାନାଳ ଜିଲା ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସୋମବାର ଜିଲା କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବିପ୍ରବର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ୨୦୧୪ରେ କୃଷି ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଦେଢ଼ଗୁଣ କରାଯିବ ବୋଲି ଭାଜପା ଘୋଷଣା କରିଥିଲା। ହେଲେ ସରକାର ଗଠନର ୬ବର୍ଷ ପରେ ଚାଷୀଙ୍କ ସହ ଆଲୋଚନା ନ କରି ତରବରିଆ ଭାବେ ନୂତନ କୃଷି ଆଇନ ଅଣାଯାଇଛି। ଏହା କାର୍ଯ୍ୟକାରୀ ହେଲେ କ୍ଷୁଦ୍ର ଏବଂ ଭାଗଚାଷୀଙ୍କ ସମସ୍ୟା ବଢ଼ିବ ବୋଲି ମତ ପ୍ରକାଶ ପାଇଥିଲା। ଶଶାଙ୍କ ଶେଖର ରଥ, ଗୋଲେଖ ବିହାରୀ ମହାନ୍ତି, କୈଳାସ ଚନ୍ଦ୍ର ରାଉତ, କ୍ଷେତ୍ରବାସୀ ବିଶ୍ୱାଳ, ପ୍ରହଲ୍ଲାଦ ସାହୁ, ସୁଧାକର ପରିଡ଼ା, ନକୁଳ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା କଂଗ୍ରେସ ପକ୍ଷରୁ ଚାଷୀ ଆନ୍ଦୋଳନକୁ ସମର୍ଥନ କରାଯିବ ବୋଲି ଘୋଷଣା କରାଯାଇଛି।



ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଧାରଣା।

# ବିଜେଡିର କର୍ମକର୍ତ୍ତା ବୈଠକ

**ଢେଙ୍କାନାଳ ଅଫିସ, ୧୪।୧୨**

ଢେଙ୍କାନାଳ ଜିଲା ବିଜେଡି କର୍ମକର୍ତ୍ତାଙ୍କ ବୈଠକ ସୋମବାର ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ବୈଠକରେ ଅଧ୍ୟକ୍ଷତା କରି ଖଣିମନ୍ତ୍ରୀ ତଥା ଜିଲା ସଭାପତି ପ୍ରଫୁଲ୍ଲ ମଲ୍ଲିକ କହିଲେ, ବିଜୁ ଜନତା ଦଳ ସାଧାରଣ ଲୋକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିଆସିଛି। ବିପଦ ଆପଦ ସମୟରେ ଏହି ଦଳ ସାଧାରଣଙ୍କୁ ମାର୍ଗ ଦେଖାଇଛି। ଆସନ୍ତା ୨୬ ତାରିଖରେ ଦଳର ପ୍ରତିଷ୍ଠା ଦିବସ ପାଳିତ ହେବ। କାର୍ଯ୍ୟକ୍ରମକୁ ସଫଳ କରିବାକୁ ଜିଲା ସଭାପତି ଆହ୍ୱାନ ଦେଇଥିଲେ। ବୈଠକରେ ଏମ୍‌ପି ମହେଶ ସାହୁ, ବିଧାୟକ ଡା. ନୃସିଂହ ଚରଣ ସାହୁ, ସୁଧୀର କୁମାର ସାମଲ, ବିଧାୟିକା ସୀମାରାଣୀ ନାୟକ, ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ ପ୍ରମୁଖ ଯୋଗଦେଇ ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆସନ୍ତା ୨୨ ତାରିଖରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ଜିଲା ଉପସଭାପତି ଲକ୍ଷ୍ମୀଧର ସାହୁ, ବ୍ରହ୍ମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଗୌତମ ପାଣି, ନରୋତ୍ତମ ରାଉତ, ଇନ୍ଦ୍ରମଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ବିଜେଡିର ନେତୃବୃନ୍ଦ।

## କୃଷି ଆଇନ ବାତିଲ ଦାବିରେ ଧାରଣା

**ଅନୁଗୋଳ ଅଫିସ, ୧୪।୧୨**

କୃଷି ଆଇନ ବାତିଲ ଦାବିରେ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ (ଏଆଇକେକେଏମ୍‌ଏସ୍) ଅନୁଗୋଳ ଜିଲା କମିଟି ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜିଲା ସମ୍ପାଦକ ସୁବାସ ପ୍ରଧାନଙ୍କ ସଭାପତିତ୍ୱରେ ଚାଷୀନେତା ରଣଜିତ ପ୍ରଧାନ, ପ୍ରମୋଦ କୁମାର ପ୍ରଧାନ, ଡିଏସ୍‌ଓ ସର୍ବଭାରତୀୟ ଉପସଭାପତି ଅଶୋକ ମିଶ୍ର, ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜିଲା କମିଟି ସଭ୍ୟ ତୀର୍ଥବାସୀ ଭୋଇ, ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ଜୟସେନ ମେହେରା, ଏଆଇଏମ୍‌ଏସ୍‌ଏସ୍ ରାଜ୍ୟ ଉପସଭାନେତ୍ରୀ ସରୋଜିନୀ ନାୟକ, ଏଆଇକେକେଏମ୍‌ଏସ୍ ଜିଲା ସଭାପତି ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ସଞ୍ଜୟ ସାହୁ, ସିଟୁର ଉପେନ୍ଦ୍ର ଶର୍ମା, ବସନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ କର୍ପୋରେଟ ପ୍ରୀତି ଓ ଚାଷୀମାରଣ ନୀତିର କଡ଼ା ସମାଲୋଚନା କରିଥିଲେ। ପରେ ପ୍ରତିନିଧିମଣ୍ଡଳୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ବ୍ୟକ୍ତିଗତ ଜମିରେ କଲେଜ ନିର୍ମାଣ

**କାମାକ୍ଷାନଗର, ୧୪।୧୨(ଡି.ଏନ.ଏ.)**

- ପ୍ରଶାସନ ପାଖରୁ ମିଳୁନି ନ୍ୟାୟ
- ହିତାଧିକାରୀଙ୍କ ଅନଶନ ଚେତାବନୀ

ଢେଙ୍କାନାଳ ଜିଲା କାମାକ୍ଷାନଗର ତହସିଲ ଅଧୀନ ଜନ୍ତାରିବୋଲ ମୌଜାରେ ଥିବା ମହମ୍ମଦ ୱାସିଫ୍ ହୁସେନ ଏବଂ ମହମ୍ମଦ ତାରିଫ ହୁସେନଙ୍କ ଜମି ଜବରଦଖଲ କରି ମଡେଲ ଡିଗ୍ରୀ କଲେଜ ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ନ୍ୟାୟ ପାଇଁ ଉଭୟେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ହେଲେ ସେମାନଙ୍କ କଥା କେହି ଶୁଣୁ ନ ଥିବା ଅଭିଯୋଗକାରୀ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ୨୦୦୯ରେ ଜନ୍ତାରିବୋଲ ମୌଜା ଖାତା ନଂ. ୨୦୩, ପ୍ଲଟ ନଂ.୧୨୫୬/୧୭୧୬ ଅନ୍ତର୍ଗତ ୨ଏକର ୫୦ ଡେସିମିଲ ଜାଗା ନଗର ଉନ୍ନୟନ ବିଭାଗ ପକ୍ଷରୁ କାମାକ୍ଷାନଗର ଏନ୍‌ଏସିକୁ ହସ୍ତାନ୍ତର କରାଯାଇଥିଲା। ୨୦୧୬ରେ ଖାତା ନଂ. ୨୦୩, ପ୍ଲଟ ନଂ. ୧୨୫୬ରେ ୩ ଏକର ୪୬ ଡେସିମିଲ ଜାଗାରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ ହୋଇଛି। ସେହିପରି ଆଲିନେଶନ କେସ୍ ନଂ. ୨୧୦/୧୮, ଖାତା ନଂ. ୨୦୩, ପ୍ଲଟ ନଂ. ୧୧୯୫ର ୨ଏକର ୪୨ ଡିସିମିଲ ଜାଗା ଉଚ୍ଚଶିକ୍ଷା ବିଭାଗକୁ ହସ୍ତାନ୍ତର କରାଯାଇଛି। କାମାକ୍ଷାନଗର ରାଜସ୍ୱ ବିଭାଗ ପକ୍ଷରୁ ଜମି ଚିହ୍ନଟ କରି ମହାବିଦ୍ୟାଳୟ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିବାବେଳେ ଠିକାସଂସ୍ଥା ଜରିଆରେ କାମ ଜାରି ରହିଛି। ତେବେ ଏହି ଜମି ବ୍ୟକ୍ତିଗତ ବୋଲି ଦର୍ଶାଇ ତାରିଫ ହୁସେନ ତହସିଲଦାର, ଉପଜିଲାପାଳ, ଜିଲାପାଳଙ୍କ ନିକଟରେ ଅଭିଯୋଗ କରି ଆସୁଛନ୍ତି। ଜାଗା ଚିହ୍ନଟ ପ୍ରକ୍ରିୟାରେ ସନ୍ତୁଷ୍ଟ ନ ହୋଇ ସେ ଜଣେ ଅବସରପ୍ରାପ୍ତ ଆର୍‌ଆଇ ଏବଂ ଅମିନଙ୍କ ଜରିଆରେ ପୁନର୍ବାର ଜାଗା ମାପିଥିଲେ। ନିର୍ମାଣ କାର୍ଯ୍ୟ ୧୧୯୫ନଂ. ପ୍ଲଟ ବଦଳରେ ୧୨୦୧ନଂ. ପ୍ଲଟରେ ହେଉଥିବା ଏଥିରୁ ସ୍ପଷ୍ଟ ହୋଇଥିଲା। ତାରିଫ୍ ହୁସେନଙ୍କ ୪୭ ଡେସିମିଲ ଜାଗାରେ ପାଚେରି ନିର୍ମାଣ କରାଯାଉଛି। ସମଗ୍ର ଜାଗା ଭୂଲେଖରେ ଚଢ଼ାଇବା ପାଇଁ ଜିଲାପାଳଙ୍କଠାରୁ ନିର୍ଦ୍ଦେଶପତ୍ର ଆଣି ସ୍ଥାନୀୟ ତହସିଲରେ ଦେଇଥିଲେ ମଧ୍ୟ ଅଦ୍ୟାବଧି ଜାଗାକୁ ଫେରିପାଇନାହାନ୍ତି। ପୂର୍ବରୁ ଅନେକ ଅସାଧୁ ବ୍ୟକ୍ତି ତାଙ୍କ ଜମି ହାତେଇବାକୁ ଷଡ଼ଯନ୍ତ୍ର କରିଥିଲେ। ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ତାଙ୍କୁ ନ୍ୟାୟ ମିଳିଥିଲା। ଏବେ ଉଦ୍ଦେଶ୍ୟମୂଳକ ଭାବେ ପୂର୍ତ୍ତ ବିଭାଗ ଜାଗା ଉପରେ ପାଚେରି ନିର୍ମାଣ କରୁଛି। ତେଣୁ ସେ ଚାଷଜମିକୁ ଯାଇପାରୁନାହାନ୍ତି। ଏହାର ବିଚାର କରା ନ ଗଲେ ଅନଶନରେ ବସିବେ ବୋଲି ସେ ଚେତାବନୀ ଦେଇଛନ୍ତି।

ଏ ନେଇ କାମାକ୍ଷାନଗର ଆରଆଇ ରାକେଶ ଗଡ଼ନାୟକ କୁହନ୍ତି, ଜାଗା ନେଇ ଅଭିଯୋଗ ଆସିଛି। ଆମେ ଚିହ୍ନଟ କରିଥିବା ଜାଗା ଠିକ୍ ଅଛି। ସେ ଜାଗା ଚିହ୍ନଟ କରିବା ସମୟରେ କାହାରିକୁ ଡାକି ନ ଥିଲେ। ତେଣୁ ଅଭିଯୋଗକାରୀଙ୍କ ତଥ୍ୟ ଗ୍ରହଣଯୋଗ୍ୟ ନୁହେଁ। ଉପଜିଲାପାଳ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ କୁହନ୍ତି, ଏ ସମ୍ପର୍କରେ ଅଭିଯୋଗ ଆସିଥିଲା। ଜମି ଚିହ୍ନଟ ହୋଇଛି। ତଦନ୍ତ କଲେ ବାସ୍ତବ ତଥ୍ୟ ଜଣାପଡ଼ିବ।

# ୫୩ ୟୁନିଟ୍ ରକ୍ତ ସଂଗ୍ରହ

**ଛେଣ୍ଡିପଦା, ୧୪।୧୨(ସ୍ୱ.ପ୍ର.)**

ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ବିଜୁ ଯୁବ ଜନତା ଦଳ ଓଡ଼ିଶା ମୋ' ପରିବାର ପକ୍ଷରୁ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ଆହ୍ୱାନରେ ନୂଆଗାଁ ଗ୍ରାମରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୫୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବିଧାୟକ ବେହେରା ମାସ୍କ ଓ ସାନିଟାଇଜର ବଣ୍ଟନ କରିଥିଲେ। ନୂଆଗାଁ ବିଜୁ ଯୁବ ଜନତା ଦଳ କର୍ମକର୍ତ୍ତା ସହଯୋଗ କରିଥିଲେ ବୋଲି ଜିଲା ଯୁବ ବିଜେଡି ଉପସଭାପତି ସତ୍ୟବ୍ରତ ଦେହୁରୀ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ, ପାତ୍ରପଡା ସରପଞ୍ଚ ଯୋଗେଶ୍ୱର ସାହୁ, ନଗେନ ପ୍ରଧାନ, ଆଶିଷ ପ୍ରଧାନ, ସୌଭାଗ୍ୟ ପ୍ରଧାନ, ହରେକୃଷ୍ଣ ମାଝି, ନୂଆଗାଁ ସରପଞ୍ଚ ଝୁନୁବାଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକଙ୍କ ଉପସ୍ଥିତିରେ ରକ୍ତ ସଂଗ୍ରହ କରାଯାଉଛି।

## ନଭେମ୍ବରରେ ଧରାପଡ଼ିଛନ୍ତି ୨୫ ଶିକାରୀ

**ଢେଙ୍କାନାଳ ଅଫିସ, ୧୪।୧୨**

ଢେଙ୍କାନାଳ ଜିଲାର ସଂରକ୍ଷିତ ଜଙ୍ଗଲକୁ ଶିକାରୀ ମୁକ୍ତ କରିବାକୁ ବନ ବିଭାଗ ପକ୍ଷରୁ ଚଢ଼ାଉ ଅଭିଯାନ ଜୋରଦାର କରାଯାଇଛି। ଗତ ନଭେମ୍ବରରେ ୨୫ ଶିକାରୀ ଏବଂ ୮ କାଠ ମାଫିଆ ଗିରଫ ହୋଇଛନ୍ତି। ୭ ବନ୍ଧୁକ, ୬.୯୩୭ ଘନଫୁଟ କାଠ ଜବତ ହୋଇଛି। ୨.୮୦ଲକ୍ଷ ଟଙ୍କା ଜରିମନା ଆଦାୟ କରାଯାଇଥିବା ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଡା. ପ୍ରକାଶଚାନ୍ଦ ଗୋଗିନେନି ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। କପିଳାସ ଅଭୟାରଣ୍ୟରେ ଶିକାରୀ ସକ୍ରିୟ ହୋଇଉଠିଛନ୍ତି। ଗତ ମାସରେ ଜିଲାର ୮ ରେଞ୍ଜରୁ ମୋଟ ୨୫ଜଣ ଶିକାରୀ ଗିରଫ ହୋଇଛନ୍ତି। ସେଥିରୁ କେବଳ କପିଳାସ ଅଭୟାରଣ୍ୟରୁ ୧୬ଜଣ ଅଛନ୍ତି। ବଜ୍ରକାପ୍ତା ସମେତ ଜନ୍ତୁଅଙ୍ଗ ଚାଲାଣ ର୍ୟାକେଟର ପର୍ଦ୍ଦାଫାଶ ହୋଇଛି। ବର୍ଷକ ଭିତରେ କପିଳାସ ଅଭୟାରଣ୍ୟକୁ ଶିକାରୀମୁକ୍ତ କରାଯିବାକୁ ଉଦ୍ୟମ ଚାଲିଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

# ଚୋରା ମାଟି ଚାଲାଣ ବେଳେ ୬ ଗିରଫ


ଗିରଫ ହୋଇଥିବା ଗାଡ଼ି ଚାଳକମାନେ।

**ଅନୁଗୋଳ ଅଫିସ, ୧୪।୧୨**

ଅନୁଗୋଳ ପୋଲିସ ଏକ ବଡ଼ ଧରଣର ମାଟି ଚୋରା ଚାଲାଣର ପର୍ଦ୍ଦାଫାସ କରିଛି। ସରକାରୀ ଜାଗାରୁ ଚୋରାରେ ମାଟି ଚାଲାଣ ହେଉଥିବା ନେଇ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ସୂଚନା ଆଧାରରେ ସକାଳେ ପୋଲିସ ଚଢ଼ାଉ କରି ଗୋଟିଏ ଜେସିବି ଓ ୫ଟି ଟିପ୍ପରକୁ ଥାନାକୁ ନେଇଥିଲା। ତଦନ୍ତ ବେଳେ ଏସବୁ ଗାଡ଼ିରେ ଚୋରାରେ ମାଟି ଚାଲାଣ ହେଉଥିବା ଜଣାପଡ଼ିଥିଲା। ଏସ୍‌ଆଇ ସତ୍ୟରଞ୍ଜନ ଲେଙ୍କାଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ କରାଯାଇ ଗାଡ଼ି ଚାଳକ, ଠିକାଦାରଙ୍କ ସମେତ ମୋଟ୍ ୬ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା। ସମସ୍ତ ଗାଡ଼ି ଓ ଜେସିବିକୁ ଜବତ କରାଯାଇଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।

ପୋଲିସ କହିଛି, ପଞ୍ଚମହଲା ନିକଟ ବେଣିପଥର ଜଙ୍ଗଲରୁ ମାଟି ଚାଲାଣ ହେଉଥିବା ପାଟ୍ରୋଲିଂ ବେଳେ ପୋଲିସ ଦେଖିଥିଲା। ଗାଡ଼ିଗୁଡ଼ିକୁ ଅଟକାଯାଇ ମାଟି କେଉଁଠୁ ଆସୁଛି ଓ ଅନୁମତି ନିଆଯାଇଛି କି ନାହିଁ ସେ ନେଇ କାଗଜପତ୍ର ଖୋଜାଯାଇଥିଲା। କିନ୍ତୁ ଆବଶ୍ୟକ କାଗଜପତ୍ର ନ ମିଳିବାରୁ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଥିଲା। ପଞ୍ଚମହଲାରୁ ଅନୁଗୋଳ ରାଣୀଗୁଡ଼ା ଅଞ୍ଚଳର ବିଲଡର ପିଣ୍ଟୁ ନନ୍ଦଙ୍କ ପ୍ଲଟକୁ ମାଟି ନିଆଯାଉଥିବା ଜଣାପଡ଼ିଥିଲା। ବେଆଇନ ଭାବେ ମାଟି ଚାଲାଣ କରାଯାଉଥିବା ଅଭିଯୋଗରେ ଛେଣ୍ଡିପଦା ଥାନା ବରପଡ଼ା ଅଞ୍ଚଳର ଟିପ୍ପର (ନଂ. ଓଆର୦୯ବି-୬୧୬୦) ଚାଳକ ମହେଶ୍ୱର ସେଠୀ, ଠାକୁରଗଡ଼ ଥାନା ତଳମହିଲା ଗ୍ରାମର ଟିପ୍ପର (ନଂ. ଓଆର୧୯ଏଲ-୦୩୭୭) ଚାଳକ ରମାକାନ୍ତ ପ୍ରଧାନ, ନିଶା ଥାନା ବଡ଼କେରଜାଙ୍ଗ ଗ୍ରାମର ଗାଡ଼ି (ନଂ. ଓଆର୧୯ଏଲ୍-୨୯୪୮) ଚାଳକ ବିକ୍ରମ ରହୁଳ, ନିଶା ଥାନା ବଡ଼କେରଜାଙ୍ଗ ଗ୍ରାମର ଗାଡ଼ି (ନଂ. ଓଆର ୧୯ ଏନ୍-୦୭୦୮) ଚାଳକ ରୀତେଶ କୁମାର ସାହୁ (୨୩) ଓ ଅନୁଗୋଳ ଥାନା ମଝିକା ଗ୍ରାମର ଗାଡ଼ି (ନଂ. ଓଡି ୧୯ ସି-୦୧୧୫) ଚାଳକ ରୋହିତ ବେହେରା ଏବଂ ନୀଳମଣି ସାହୁଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା। ଏଥିସହ ୫ଟି ଟିପ୍ପର ଓ ଜେସିବିକୁ ଜବତ କରାଯାଇଥିଲା। ଘଟଣାର ଅଧିକ ତଦନ୍ତ ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମାଝି କରୁଥିବା ଜଣାପଡ଼ିଛି। ଅପରପକ୍ଷରେ ରାଣୀଗୁଡ଼ା ଅଞ୍ଚଳର ବିଲଡର ପିଣ୍ଟୁ ନନ୍ଦ କହିଛନ୍ତି, ତାଙ୍କ ପ୍ଲଟକୁ ମାଟି ଚାଲାଣ କରାଯାଉ ନ ଥିଲା। ଘଟଣା ସମ୍ପର୍କରେ ସେ କିଛି ଜାଣିନାହାନ୍ତି।

# ୧୬ରୁ ଜିଲାରେ ହେବ ଧାନକିଣା

**ଅନୁଗୋଳ ଅଫିସ, ୧୪।୧୨**

ଆସନ୍ତା ୧୬ ତାରିଖରୁ ଅନୁଗୋଳ ଜିଲାର ୯୪ ମଣ୍ଡିରେ ଧାନ କିଣା ଆରମ୍ଭ ହେବ। କୋଭିଡ୍ କଟକଣା ପାଳନ ମଧ୍ୟରେ ଏହି ଧାନକିଣା ଯିବାକୁ ନିଷ୍ପତ୍ତି ହୋଇଥିବା ଭାରପ୍ରାପ୍ତ ଯୋଗାଣ ଅଧିକାରୀ ଶ୍ରୀନିବାସ ମିଶ୍ର କହିଛନ୍ତି। ଏଥିପାଇଁ ସୋମବାର ସୁଦ୍ଧା ଜିଲାର ୩୫ ହଜାର ୮୭୭ ଜଣ ଚାଷୀ ମଣ୍ଡିରେ ପଞ୍ଜୀକରଣ କରିସାରିଛନ୍ତି। ଅନୁଗୋଳ ବ୍ଲକରେ ୧୪ଟି ମଣ୍ଡି ହୋଇଥିବାବେଳେ ବଣ୍ଟାଁରପାଳରେ ୧୩, ଛେଣ୍ଡିପଦାରେ ୧୯, ତାଳଚେରରେ ୫, କଣିହାଁରେ ୯, ଆଠମଲ୍ଲିକରେ ୧୫, କିଶୋରନଗରରେ ୮ ଓ ପାଲଲହଡ଼ାରେ ୧୧ ମଣ୍ଡି ଖୋଲାଯାଇଥିବା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ଆଖି ସ୍କାନ ସହ ଟୋକନ ଦେଖିବା ପରେ ମଣ୍ଡିରେ ଧାନ କିରାଯିବ। ପ୍ରତି ମଣ୍ଡିରେ ଚାଷୀଙ୍କ ପାଇଁ ମାସ୍କ ଓ ସାନିଟାଇଜର ବ୍ୟବସ୍ଥା କରାଯାଇଛି।

## କରୋନା ମୃତ୍ୟୁସଂଖ୍ୟା ୨୮

**ଢେଙ୍କାନାଳ ଅଫିସ, ୧୪।୧୨:** ଢେଙ୍କାନାଳ ଜିଲାରେ ଆଉ ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକ ୩୨ବର୍ଷୀୟା ମହିଳା। ତାଙ୍କ ଘର ହିନ୍ଦୋଳ ବ୍ଲକରେ। ସେ ସମ୍ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଏହାକୁ ମିଶାଇ ଜିଲାରେ ମୋଟ କରୋନାଜନିତ ମୃତ୍ୟୁସଂଖ୍ୟା ୨୮ରେ ପହଞ୍ଚିଛି।

## ସଂକ୍ଷେପରେ

### ହାଇୱା ଛିଣ୍ଡାଇଲା ୧୧ କେଭି ତାର

**ବଇଣ୍ଡା, ୧୪।୧୨(ଡି.ଏନ.ଏ.):** ହଣ୍ଡପା ଥାନା ଅଧୀନ କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ବଇଣ୍ଡା ଚନ୍ଦନ ପୋଖରୀ ନିକଟରେ ସୋମବାର ଅପରାହ୍ନ ୪ଟାରେ ହାଇୱା (ନଂ. ଓଡ଼ି ୦୪ ଏଚ୍ ୪୦୪୩) ଡାଲା ଲାଗି ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡିଯାଇଛି। ଗାଡ଼ିଟି ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ଖାଇବା ପରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଛିଡ଼ା ହୋଇଥିଲେ ମଧ୍ୟ ସେମାନେ ବର୍ତ୍ତିଯାଇଛନ୍ତି। ତାର ଛିଣ୍ଡିଯିବା ପରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା। ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣରେ ନିୟୋଜିତ ଠିକାସଂସ୍ଥାର ହାଇୱା ସହାୟତାରେ ଚନ୍ଦନ ପୋଖରୀରେ ମାଟି ପକାଯାଉଥିଲା। ତେବେ ଡ୍ରାଇଭର ଡାଲା ତଳକୁ ନ କରି ବେପରୁଆ ଭାବେ ଗାଡ଼ି ଚାଳନା କରିବା ଯୋଗୁ ଗାଡ଼ିଟି ତାରରେ ଛନ୍ଦି ହୋଇଯିବା ସହ ଖୁଣ୍ଟକୁ ଧକ୍କା ଦେଇଥିଲା। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି।

### ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ




**ପରଜଙ୍ଗ, ୧୪।୧୨(ଡି.ଏନ.ଏ.):** ପରଜଙ୍ଗ ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ବିପିନ ବିହାରୀ ପାଣି, ଉପସଭାପତି ସଦାଶିବ ମଲ୍ଲିକ, ସମ୍ପାଦକ ପ୍ରଦୀପ ସାହୁ, ସହ ସମ୍ପାଦକ ଓ କୋଷାଧକ୍ଷ ଭାବେ ବେଣୁଧର ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭ୍ୟ ସୁରେଶ ପ୍ରଧାନ, ଅଶୋକ ଦଳବେହେରା, ସନ୍ତୋଷ ସାହୁ ନିର୍ବାଚିତ ହୋଇଛନ୍ତି। ପ୍ରଦୀପ୍ତ କୁମାର ସାମନ୍ତ ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ।

### ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

**ବଇଣ୍ଡା, ୧୪।୧୨(ଡି.ଏନ.ଏ.):** ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପାସ୍ଥିତ ବଇଣ୍ଡା କେନ୍ଦୁପତ୍ର ରେଞ୍ଜ ଅଧୀନରେ କାର୍ଯ୍ୟ କରୁଥିବା ସର୍କଲ ଚେକର, ମୁନ୍ସୀ, ଚପରାସୀ ବକେୟା ଦରମା ଦାବି କରି ମଙ୍ଗଳବାରଠାରୁ ଆମରଣ ଅନଶନ କରିବାକୁ ଚେତାବନୀ ଦେଇଥିଲେ। ତେବେ କେନ୍ଦୁପତ୍ର ବିଭାଗ ଡିଏଫ୍ଓଙ୍କ ପ୍ରତିଶ୍ରୁତି ପରେ ଅନଶନ ସ୍ଥଗିତ ରଖାଯାଇଥିବା କେନ୍ଦୁପତ୍ର ଶ୍ରମିକ ତୋଳାଳି ସଂଘ ସମ୍ପାଦକ ଉଗ୍ରସେନ ପ୍ରଧାନ, ସୁରମଣି ଦେହୁରୀ ସୂଚନା ଦେଇଛନ୍ତି। ଏହାର ସମାଧାନ ଲାଗି ରବିବାର ଆଠମଲ୍ଲିକ ଉପଖଣ୍ଡ କେନ୍ଦୁପତ୍ର ଅଧିକାରୀଙ୍କ କାର୍ଯ୍ୟାଳୟରେ ବୈଠକ କରାଯାଇଥିଲା। ଖୁବ୍‌ଶୀଘ୍ର ବକେୟା ଦରମା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଛି।

### ଶୀତବସ୍ତ୍ର ବଣ୍ଟନ

**ବଣ୍ଟରପାଳ,୧୪।୧୨(ଡି.ଏନ.ଏ.):** ବଣ୍ଟରପାଳ ବ୍ଲକ କୁଲାଡ଼ ଗ୍ରାମରେ ସୋମବାର ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରୋଡ୍ ଆଣ୍ଡ କନଷ୍ଟ୍ରକ୍ସନ ତରଫରୁ ଶତାଧିକ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଏହି ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। କମ୍ପାନୀ ଏମ୍‌ଡି ଅଭୟ କୁମାର ସିଂହ, ପତ୍ନୀ ମଧୁସ୍ମିତା ପଟ୍ଟନାୟକ ଆସିଥିବା ଅସହାୟମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଆସନ୍ତା ଜାନୁୟାରୀ ୧ ନୂଆବର୍ଷ ଦିନ ମଧ୍ୟ ଶତାଧିକ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଏପରି ସହାୟତା କରାଯିବ ବୋଲି ସିଂହ ପ୍ରକାଶ କରିଛନ୍ତି। ଅଭୟଙ୍କ ଏଭଳି କାର୍ଯ୍ୟକୁ ସ୍ଥାନୀୟ ଲୋକେ ଉଚ୍ଚ ପ୍ରଶଂସା କରିଛନ୍ତି।

### ରିଲିଫ ପାଣ୍ଠିକୁ ଦେଲେ ୩୦ ହଜାର



**ଆଠମଲ୍ଲିକ,୧୪।୧୨(ଡି.ଏନ.ଏ.):** ଅନୁଗୋଳ ଜିଲା ଆଠମଲ୍ଲିକ ଦୋଳମଣ୍ଡପ ସାହିର ଦୁଃଖବନ୍ଧୁ ସାହୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୩୦ ହଜାର ଟଙ୍କା ଦାନ କରିଥିବା ଜଣାପଡିଛି। ସ୍ଥାନୀୟ ଉପଜିଲାପାଳ ଲଳିତ ମୋହନ ବେହେରାଙ୍କ ଜରିଆରେ ଏହି ଟଙ୍କା ପ୍ରଦାନ କରାଯାଇଛି। ସାହୁଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ସମ୍ପଦ ଦେଉନି ସମୃଦ୍ଧି



ସରକାରୀ ଯୋଜନାରୁ ବଞ୍ଚିତ ବସନ୍ତପୁର ପଞ୍ଚାୟତ ଡେଉଁରିଆଝରଣ ହରିଜନ ସାହି।

■କୋଇଲା ଖଣି ପାଇଁ ନା ହେଉଛନ୍ତି ବିସ୍ଥାପିତ ନା ମିଳୁଛି ମୌଳିକ ସୁବିଧା
■୧୦ ବର୍ଷ ହେଲା କାର୍ଯ୍ୟକାରୀ ହେଉନି ସରକାରୀ ଯୋଜନା
■ନାନା ଅସୁବିଧାର ସମ୍ମୁଖୀନ ଛେଣ୍ଡିପଦାର ୬ ପଞ୍ଚାୟତବାସୀ

**ଛେଣ୍ଡିପଦା,୧୪।୧୨(ସ୍ୱ.ପ୍ର.)**

ପ୍ରାକୃତିକ ସମ୍ପଦର ସଦ୍‌ବିନିଯୋଗ ସମୃଦ୍ଧିର ଦ୍ୱାର ଉନ୍ମୁକ୍ତ କରେ। ଲୋକଙ୍କ ଆର୍ଥିକ ଅଭିବୃଦ୍ଧିକୁ ଏହା ବଳ ଯୋଗାଏ। କିନ୍ତୁ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ୬ଟି ପଞ୍ଚାୟତ ବସନ୍ତପୁର, ମାଛକୁଟା, ପାତ୍ରପଡ଼ା, ଶିମିଳିପାଳ, ରାଇଝରଣ ଓ କଙ୍କରେଇବାସୀଙ୍କ କ୍ଷେତ୍ରରେ ଏହାର ବିପରୀତ ଫଳ ଦେଖିବାକୁ ମିଳିଛି। ମାଟି ତଳେ ଗଚ୍ଛିତ ଥିବା ଲକ୍ଷ ଲକ୍ଷ ଟନ୍ କୋଇଲା ଏହି ଅଞ୍ଚଳର ବିକାଶରେ ଏଯାଏ ବାଧକ ସାଜିଆସିଛି। ଜମି ଅଧିଗ୍ରହଣ ଅଞ୍ଚଳ ହୋଇଥିବାରୁ ଦୀର୍ଘ ୧୦ ବର୍ଷ ହେଲା ଏହି ପଞ୍ଚାୟତଗୁଡ଼ିକରେ ସରକାରଙ୍କ ସମସ୍ତ ଉନ୍ନୟନ ଯୋଜନା ଲାଗୁ ହୋଇପାରୁ ନାହିଁ। ଫଳରେ ରାସ୍ତାଠାରୁ ସ୍ୱାସ୍ଥ୍ୟସେବା ଯାଏ ପ୍ରତିଟି କ୍ଷେତ୍ରରେ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି।

ବସନ୍ତପୁର ପଞ୍ଚାୟତବାସୀଙ୍କ କହିବା ଅନୁଯାୟୀ, ୨୦୦୪ରେ ଛେଣ୍ଡିପଦାରେ ଥିବା କୋଲ୍ ବ୍ଲକ ଆବଣ୍ଟନ କରାଯାଇଥିଲା। ଫଳରେ କମ୍ପାନୀ ପକ୍ଷରୁ ଜମି ଅଧିଗ୍ରହଣ ସହ ବିସ୍ଥାପନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କିନ୍ତୁ ଅଞ୍ଚଳର ବହୁ ଲୋକ କମ୍ପାନୀକୁ ଜୋର୍‌ଦାର ବିରୋଧ କରିଥିଲେ। ସେମାନଙ୍କ ଭବିଷ୍ୟତ ସୁରକ୍ଷିତ କରିବାକୁ ଅଡ଼ି ବସିଥିଲେ। ଏଥିଯୋଗୁ କାର୍ଯ୍ୟ ଆଗେଇପାରି ନ ଥିଲା। ଏଣେ ଖଣି ଅଞ୍ଚଳ ଦର୍ଶାଇ ସରକାର ଏଠାରେ ଉନ୍ନୟନ କାର୍ଯ୍ୟ ବନ୍ଦ କରିଦେବାରୁ ଲୋକଙ୍କ ସମସ୍ୟା ବଢ଼ିଯାଇଥିଲା। ତେବେ ଖଣି ନିଲାମ ପ୍ରକ୍ରିୟାରେ ଦୁର୍ନୀତି ନେଇ ମାମଲା ସୁପ୍ରିମକୋର୍ଟକୁ ଯିବାପରେ ସବୁକିଛି ଠପ୍ ହୋଇଯାଇଥିଲା। ୨୦୧୬ରେ ସର୍ବୋଚ୍ଚ ଅଦାଲତ ଉକ୍ତ କୋଲ୍ ବ୍ଲକ ଆବଣ୍ଟନକୁ ଅସିଦ୍ଧ ଘୋଷଣା କରିବାରୁ ବିସ୍ଥାପନ ଏବଂ ଜମି ଅଧିଗ୍ରହଣ କରିବାକୁ ବୁଝାଶୁଝା କରୁଥିବା କମ୍ପାନୀ ଏଠାରୁ ଓହରିଯାଇଥିଲା। ଫଳରେ ଅଞ୍ଚଳବାସୀ ନା ବିସ୍ଥାପିତ ହୋଇପାରିଛନ୍ତି ନା ସେବେଠୁ ସରକାରୀ ଯୋଜନାର ସୁଫଳ ପାଇପାରୁଛନ୍ତି। ଦୀର୍ଘ ୧୦ ବର୍ଷ ହେଲା ଏପରି ଅବସ୍ଥା ଲାଗି ରହିଥିବାରୁ ପଞ୍ଚାୟତରେ କୌଣସି ଉନ୍ନୟନ କାର୍ଯ୍ୟ ହୋଇପାରି ନାହିଁ। ପଞ୍ଚାୟତ ଆକାଉଣ୍ଟରେ କୋଟି କୋଟି ଟଙ୍କା ପଡ଼ି ରହିଥିଲେ ମଧ୍ୟ ତାହା କାର୍ଯ୍ୟରେ ଲାଗୁନାହିଁ। ବିଭିନ୍ନ ଗ୍ରାମର ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗରିବ ଖଟିଖିଆଙ୍କ ଭଙ୍ଗା କୁଡ଼ିଆ ସରକାରୀ ଯୋଜନାରେ କୋଠା ହୋଇପାରୁ ନାହିଁ। ସ୍କୁଲ ଘରଗୁଡ଼ିକ ଭାଙ୍ଗିରୁଜି ଗଲାଣି। କବାଟ ଝରକାରେ ଉଇ ଲାଗି ନଷ୍ଟ ହୋଇଗଲାଣି। ପାନୀୟ ଜଳ ସମସ୍ୟାର ସମାଧାନ କରାଯାଉ ନାହିଁ। ଏ ନେଇ ଜିଲା ପ୍ରଶାସନକୁ ବାରମ୍ବାର ଗୁହାରି କଲେ ମଧ୍ୟ ସୁଫଳ ମିଳୁନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଜମି ଅଧିଗ୍ରହଣ ଅଞ୍ଚଳ ଯୋଗୁ ସରକାର ସେଠାରେ ଉନ୍ନୟନ କାର୍ଯ୍ୟ କରିପାରୁ ନାହାନ୍ତି। କିନ୍ତୁ ଦୀର୍ଘ ବର୍ଷ ଧରି ଲୋକେ ବଞ୍ଚିତ ହୋଇଥିବାରୁ ସମସ୍ୟା ସମାଧାନ ପାଇଁ ସରକାରଙ୍କୁ ନିବେଦନ କରାଯିବ।

### ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ



"ବସନ୍ତପୁର ପଞ୍ଚାୟତରେ ୩ଟି ପ୍ରାଥମିକ ଓ ଗୋଟିଏ ନୋଡାଲ ବିଦ୍ୟାଳୟ ଅଛି। କିନ୍ତୁ ସେସବୁ ବିପଦସଙ୍କୁଳ ହୋଇପଡ଼ିଛି। କେତୋଟି ଶ୍ରେଣୀଗୃହ ୧୦ ବର୍ଷ ହେବ ଅଧାପନ୍ତରିଆ ରହିଛି। ଜମି ଅଧିଗୃହୀତ ଅଞ୍ଚଳ କହି ଅନୁଦାନ ଦିଆଯାଉ ନାହିଁ। ଶ୍ରେଣୀ ଗୃହ ଅଭାବରୁ ଶିକ୍ଷା ଦାନରେ ବାଧା ଉପୁଜୁଛି।

-ବିଜୟ କୁମାର ଶତପଥୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ବସନ୍ତପୁର

### ଜଳସେଚନ, ସ୍ୱାସ୍ଥ୍ୟସେବାରୁ ବଞ୍ଚିତ



"ଅଞ୍ଚଳର ଉନ୍ନତି ପାଇଁ ୧୦ ବର୍ଷ ହେବ କୌଣସି ଅନୁଦାନ ଆସୁନାହିଁ। କୃଷି କାର୍ଯ୍ୟ ନିମନ୍ତେ ଜଳସେଚନ ବ୍ୟବସ୍ଥା ହୋଇପାରୁ ନାହିଁ। ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଗ୍ରାମରେ ଏକ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବା ଦିଗରେ ସରକାର ଧ୍ୟାନ ଦେବା ଆବଶ୍ୟକ।

-ଅକ୍ଷୟ କୁମାର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ

### ଶୌଚାଳୟ ନିର୍ମାଣ ହୋଇପାରୁନି



"ବର୍ଷା ଦିନେ ଘର ଭାଙ୍ଗିଯାଇଥିବା ପରିବାରକୁ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳୁନାହିଁ। ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ନିର୍ମାଣ ହୋଇପାରୁ ନାହିଁ। କେବଳ ମୁଖ୍ୟ ରାସ୍ତାକୁ ଛାଡିଦେଲେ ଅନ୍ୟ ସବୁ ରାସ୍ତା ଶୋଚନୀୟ ହୋଇପଡିଛି। ଲକ୍‌ଡାଉନ ବେଳେ ଗରିବ ଲୋକଙ୍କ ହାତକୁ କାମ ଯୋଗାଇ ଦିଆଯାଇ ନାହିଁ।

-ବୈଦ୍ୟନାଥ ସାହୁ, ପଞ୍ଚାୟତବାସୀ

### ସମାଧାନ ବାଟ ବାହାରିପାରୁନି



"ପଞ୍ଚାୟତ ଆକାଉଣ୍ଟରେ ଦେଢ଼ କୋଟିରୁ ଅଧିକ ଟଙ୍କା ରହିଛି। କିନ୍ତୁ ଏହା ଲୋକଙ୍କ ସେବାରେ ଲଗାଯାଇପାରୁ ନାହିଁ। ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ ସମାଧାନ ବାଟ ବାହାରିପାରୁ ନାହିଁ। ଖଣି ଆବଣ୍ଟନ ରଦ୍ଦ ହୋଇଥିବାରୁ ଜମି ଅଧିଗ୍ରହଣ ବନ୍ଦ ରହିଛି। ପଞ୍ଚାୟତବାସୀ କିପରି ମୌଳିକ ସୁବିଧା ପାଇବେ ସରକାର ବ୍ୟବସ୍ଥା କରନ୍ତୁ।

-ଲକ୍ଷ୍ମୀଧର ସାହୁ, ସରପଞ୍ଚ, ବସନ୍ତପୁର

### ସରକାରୀ ବାବୁଙ୍କ ପାଇଁ ଭିନ୍ନ ନିୟମ



"ଲୋକଙ୍କ ପାଇଁ ସରକାରୀ ଯୋଜନା କହିଲେ କେବଳ ଚାଉଳ ଓ ଭତ୍ତା। ଏହାଛଡ଼ା ଗରିବ ଲୋକଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ସରକାର ଘର ଖଣ୍ଡିଏ ଦେଇନାହାନ୍ତି। ଜମି ଅଧିଗ୍ରହଣ ଅଞ୍ଚଳ କହି ଆମକୁ ଉପେକ୍ଷା କରାଯାଉଛି। ଏନ୍‌ଆର୍‌ଇଜିଏସ୍‌ରେ ବନ ବିଭାଗ ଘର ନିର୍ମାଣ କରିପାରୁଛି, କିନ୍ତୁ ସାଧାରଣ ଲୋକଙ୍କୁ କାମ କି ଘର ମିଳୁନି।

-ସୁନିତା ନାଏକ, ୱାର୍ଡମେମ୍ବର, ଡେଉଁରିଆଝରଣ

### ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ



"ପାତ୍ରପଡା ପଞ୍ଚାୟତ ଅଧୀନରେ ୪ଟି ରାଜସ୍ୱ ଗ୍ରାମ ରହିଛି। କିନ୍ତୁ ଦୁଇଟି ଗ୍ରାମକୁ ଛାଡିଦେଲେ ଅନ୍ୟ ଗ୍ରାମଗୁଡିକରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରିହେଉ ନାହିଁ। ୧୦ ବର୍ଷ ହେବ ଲୋକେ ବହୁ ହୀନସ୍ତା ହେଉଛନ୍ତି। ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ସହିତ ଅଧିଗ୍ରହଣ ବନ୍ଦ ହୋଇଥିବା ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ କରନ୍ତୁ।

-ଯୋଗେଶ୍ୱର ସାହୁ, ସରପଞ୍ଚ, ପାତ୍ରପଡ଼ା

### ନିଷ୍ଠାପର ଭାବେ କାମ କରିବାକୁ ଆହ୍ୱାନ

**ଢେଙ୍କାନାଳ ଅଫିସ, ୧୪।୧୨**

ଢେଙ୍କାନାଳ ସହର ଉପକଣ୍ଠ ଗାନ୍ଧୀ ଅଧ୍ୟୟନ କେନ୍ଦ୍ର ପରିସରରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆବାହକ ପଙ୍କଜ କୁମାର ନାୟକଙ୍କ ସଭାପତିତ୍ୱରେ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଯୋଗଦେଇ ଦଳର ବିଚାରଧାରା, ଉଦ୍ଦେଶ୍ୟ ଏବଂ ସାଂଗଠନିକ ଦକ୍ଷତା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।

ଏଏପି ଦିଲ୍ଲୀରେ ସରକାର ଗଢ଼ିବାର ୬ବର୍ଷ ମଧ୍ୟରେ ଶିକ୍ଷା, ପାନୀୟଜଳ, ବିଦ୍ୟୁତ୍, ନିଯୁକ୍ତି, ମହିଳା ସଶକ୍ତୀକରଣ ଭଳି ଅନେକ କାର୍ଯ୍ୟ ହୋଇଛି। ନିଜ ନିଜ ଅଞ୍ଚଳରେ ନିଷ୍ଠାପର ଏବଂ ନିର୍ଭୀକ ଭାବେ କାମ କରି ନିଜ ଅଞ୍ଚଳବାସୀଙ୍କ ଆସ୍ଥାଭାଜନ ହେବାକୁ ସେ ପରାମର୍ଶ ଦେଇଥିଲେ। ସୋସିଆଲ ମିଡିଆ ପ୍ରଭାରୀ ସରୋଜ ରଥ, ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ, କୋଷାଧକ୍ଷ ଚକ୍ରଧର ତରାଇ, ଲିଗାଲ ସେଲ ଅଧ୍ୟକ୍ଷ ରଞ୍ଜନ ମିଶ୍ର, ସମ୍ପାଦକ ଶାନ୍ତନୁ ରାଉତ, ହିନ୍ଦୋଳ ନିର୍ବାଚନମଣ୍ଡଳୀ ସମ୍ପାଦକ ମହେଶ୍ୱର ମହାନ୍ତି, ଛାତ୍ରନେତା ବିଶ୍ୱଜିତ ବରାଳ, ମହିଳା ସେଲ୍‌ର ସାଜେଦା ପରବିନ ପ୍ରମୁଖ ଦଳୀୟ ସଙ୍ଗଠନ, ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ମହିଳା ସେଲ ସମ୍ପାଦିକା ରୀନା ଶତପଥୀ ଧନ୍ୟବାଦ ଦେଇଥିଲେ।

### ବ୍ରାହ୍ମଣୀରେ ବୁଡ଼ି ଯୁବକ ନିଖୋଜ

**ଭୁବନ, ୧୪।୧୨(ଡି.ଏନ୍.ଏ.)**

ଗଁଦିଆ ଥାନା ଦଲାର ଗ୍ରାମର ଅମ୍ବୁଜ ମଳିକ (୨୫) ସୋମବାର ବ୍ରାହ୍ମଣୀ ନଦୀରେ ବୁଡ଼ି ନିଖୋଜ ହୋଇଯାଇଛନ୍ତି। ଘରକରଣା ସାମଗ୍ରୀ ଏବଂ ସଉଦା ଧରି ନଦୀ ପାର ହେଉଥିବା ବେଳେ ପାଣି ସ୍ରୋତରେ ଭାସିଯାଇଥିଲେ। ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

## କ୍ୟାମ୍ପକୁ ବୋମା ମାଡ଼ ଅଭିଯୋଗ

**ବଇଣ୍ଡା,୧୪।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ଥାନା କଦଳୀମୁଣ୍ଡା ପଞ୍ଚାୟତ ଟାପୁରିସିଂହା ଅଞ୍ଚଳରେ ଥିବା ଠିକାଦାର ସରୋଜ ରାଉଳଙ୍କ ଏକ କ୍ୟାମ୍ପକୁ ସୋମବାର ସକାଳେ ବୋମା ମାଡ଼ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ନଂ. ୧୮୦/୨୦ରେ ମାମଲା ରୁଜୁ କରିଛି।



ଅଭିଯୋଗ ପାଇଁ ଥାନାକୁ ଆସିଥିବା ଆଠମଲ୍ଲିକ ଉପଖଣ୍ଡର ଠିକାଦାରମାନେ।

ଅଭିଯୋଗରେ ଦର୍ଶାଯାଇଛି ଯେ, କଦଳୀମୁଣ୍ଡାରୁ ବ୍ରାହ୍ମଣୀପାଲି ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପିଚୁ ରାସ୍ତା ନିର୍ମାଣ କରାଯାଉଛି। ଟାପୁରିସିଂହା ନିକଟରେ ଠିକାଦାର ସରୋଜ ରାସ୍ତା କାମ କରୁଥିବାରୁ ସେଠାରେ ତାଙ୍କର ଅସ୍ଥାୟୀ କ୍ୟାମ୍ପ ରହିଛି। ରାସ୍ତା ଓ ଗୃହ ନିର୍ମାଣ ଟେଣ୍ଡରକୁ ନେଇ ତାଙ୍କ ସହ କେତେଜଣ ଯୁବକଙ୍କ ପୂର୍ବରୁ ବିବାଦ ଲାଗି ରହିଥିଲା। ସୋମବାର ଏକ କାର୍ ଯୋଗେ କେତେଜଣ ଯୁବକ ଆସି କ୍ୟାମ୍ପ ଉପରକୁ ବୋମା ଫୋପାଡ଼ି ଫେରାର ହୋଇଯାଇଥିଲେ। ଏହା ଦେଖି କ୍ୟାମ୍ପରେ ଥିବା କର୍ମଚାରୀମାନେ ମଧ୍ୟ ଭୟଭୀତ ହୋଇ ପଳାଇ ଯାଇଥିବା ସରୋଜ ଏତଲାରେ ଉଲ୍ଲେଖ କରିଛନ୍ତି। ଏ ନେଇ କିଶୋରନଗର ଆଇଆଇସି ପ୍ରତିଭା ମାଝି କୁହନ୍ତି, ଠିକାଦାରଙ୍କ କ୍ୟାମ୍ପରେ ବୋମା ବିସ୍ଫୋରଣ ହୋଇଥିବା ଅଭିଯୋଗ ହୋଇଛି। ତଦନ୍ତ ବେଳେ ସେଠାରେ ବୋମା ନୁହେଁ ବାଣ ଫୁଟାଇଥିବା ସନ୍ଦେହ କରାଯାଉଛି। ମଙ୍ଗଳବାର ସାଇଣ୍ଟିଫିକ୍ ଟିମ୍ ସେଠାକୁ ଯାଇ ତଦନ୍ତ କରି ରିପୋର୍ଟ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ।

### ୨୬ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୪।୧୨**

ଅନୁଗୋଳ ଜିଲାରୁ ସୋମବାର ୨୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୧ ହଜାର ୩୫୬ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ସର୍ବାଧିକ ୧୨ ଜଣ ଥିବାବେଳେ ବଣ୍ଟରପାଳ ବ୍ଲକରୁ ୫, କଣିହାଁରୁ ୩, ତାଳଚେରରୁ ୨, ଆଠମଲ୍ଲିକରୁ ୨, ଅନୁଗୋଳ ପୌରାଞ୍ଚଳ ଓ ପାଲଲହଡ଼ା ବ୍ଲକରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନ୍ୟ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ଏମାନେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଜିଲାରୁ ୧୬ ଜଣ ଦିନକରେ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଜିଲା ଯୋଗ ସଂଘ ଗଠିତ




ଜିଲା ଯୋଗ ସଂଘର କର୍ମକର୍ତ୍ତାଗଣ।

**ଢେଙ୍କାନାଳ ଅଫିସ, ୧୪।୧୨:** ଢେଙ୍କାନାଳ ସହର ଦକ୍ଷିଣକାଳୀ ରୋଡ୍‌ସ୍ଥିତ ଯୋଗ ଆସୋସିଏଶନ (ଡିଡିୱାଇଏ) ସୋମବାର ଗଠିତ ହୋଇଛି। ସଭାପତି ଭାବେ ପ୍ରଳୟ କୁମାର ଦାସ, ଉପସଭାନେତ୍ରୀ ମମତା ମହାନ୍ତି, ରାଜେନ୍ଦ୍ର ସିଂ, ସମ୍ପାଦକ ଦୀପ୍ତିରଞ୍ଜନ ପଣ୍ଡା, ସହ ସମ୍ପାଦକ ରଶ୍ମିତା ନନ୍ଦ, କୋଷାଧକ୍ଷ ଚିନ୍ତାମଣି ମହାନ୍ତି, ସଦସ୍ୟ ଦୁଃଶାସନ ସାହୁ, ସୋମନାଥ ପାଣିଗ୍ରାହୀ, ଶୈଳେନ୍ଦୁ ଶେଖର ନାୟକ, ସୂର୍ଯ୍ୟକାନ୍ତ ଦେହୁରୀ, ଝରଣା ବେହେରା, ଲିପ୍‌ସାରାଣୀ ସେଠୀ, ଜଗନ୍ନାଥ ପଣ୍ଡା, ରୁଦ୍ରନାରାୟଣ ବେହେରା ଏବଂ ସଂଯୋଜକ ଭାବେ ଅଶ୍ୱିନୀ କୁମାର ପତି ମନୋନୀତ ହୋଇଛନ୍ତି। ନବକିଶୋର ଗୁରୁ, ଡ. ପରେଶ ମିଶ୍ର, ଡା. ସରୋଜ କୁମାର ସାହୁ, ଜିତେନ୍ଦ୍ର ପରିଡ଼ା, ପୀତବାସ ସାହୁ ପରାମର୍ଶଦାତା ଭାବେ ଚୟନ ହୋଇଛନ୍ତି।

## ସଙ୍ଗଠିତ ହେବାକୁ ଆହ୍ୱାନ

**ବଇଣ୍ଡା, ୧୪।୧୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ନାକିଚି ଡାକବଙ୍ଗଳା ପରିସରରେ ସୋମବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ତୃଣମୂଳସ୍ତରରୁ ସଙ୍ଗଠିତ ହେବା, ଲୋକଙ୍କ ବିଶ୍ୱାସଭାଜନ ହେବା ସହ ରାଜ୍ୟ ସରକାରଙ୍କ ବହୁମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଇବାକୁ ଆହ୍ୱାନ ଦେଇଥିଲେ। ଜିଲା ଯୁବ ବିଜେଡି ଉପସଭାପତି ଜିତେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ, ଆଠମଲ୍ଲିକ ବ୍ଲକ ସଭାପତି ବୃନ୍ଦାବନ ପ୍ରଧାନ, କିଶୋରନଗର ବ୍ଲକ ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ, ବିଧାୟକଙ୍କ ପ୍ରତିନିଧି କ୍ଷୀରୋଦ ବଘାର, ଜିଲା ସାଧାରଣ ସମ୍ପାଦକ ତାପସ ସାହୁ, ପୂର୍ବତନ ଜିଲା ପରିଷଦ ସଦସ୍ୟ ତିମିର ନାୟକ, କାଳିନ୍ଦୀ ଚରଣ ପ୍ରଧାନ, ଜେନାମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ଦଳୀୟ ସମସ୍ୟା ଏବଂ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା।



କର୍ମୀ ସମ୍ମିଳନୀରେ ବିଜେଡି କର୍ମକର୍ତ୍ତାମାନେ।

# ବଦଳି ନିର୍ଦ୍ଦେଶ ମାନୁନାହାନ୍ତି ବାବୁ

■ ସରକାରୀ ଚିଠିକୁ କରୁଛନ୍ତି ଅଣଦେଖା
■ ରିଲିଭ୍ କରାଯିବ ବୋଲି କହିଲେ ଜିଲାପାଳ
■ ଅଦଳବଦଳ ନେଇ ଜିଲା କାର୍ଯ୍ୟାଳୟରେ ଛନକା

**ଅନୁଗୋଳ ଅଫିସ, ୧୪।୧୨**

ଅନୁଗୋଳରେ କାର୍ଯ୍ୟ କରୁଥିବା କେତେଜଣ ସରକାରୀ ଅଧିକାରୀଙ୍କୁ ରାଜ୍ୟ ସରକାର ବଦଳି କରିଛନ୍ତି। ତୁରନ୍ତ ନୂତନ ସ୍ଥାନରେ ଯୋଗ ଦେବାକୁ ବାରମ୍ବାର ଚିଠିରେ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ସମ୍ପୃକ୍ତ ଅଧିକାରୀମାନେ ପୁରୁଣା ସ୍ଥାନ ଛାଡ଼ିବାକୁ ଆଦୌ ଆଗ୍ରହୀ ନ ଥିବା ଦେଖାଯାଉଛି। ଫଳରେ ସେହି ବାବୁମାନଙ୍କ କାର୍ଯ୍ୟକୁ ନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି।



ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ।

ଜିଲାପାଳଙ୍କ କାର୍ଯ୍ୟାଳୟରେ ବରିଷ୍ଠ କିରାଣି ଥିବା ରଞ୍ଜନ କୁମାର ମହାନ୍ତିଙ୍କୁ ରାଜ୍ୟ ସରକାର ପଦୋନ୍ନତି ସହ ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଷ୍ଟାଣ୍ଟ କଲେକ୍ଟର ଭାବେ ୨୦୧୮ ସେପ୍ଟେମ୍ବର ୨୪ରେ ପଠାଇବାକୁ ଚିଠି (ନଂ. ୩୫୮୯୫)ରେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେ ଆଠମଲ୍ଲିକ ପରିବର୍ତ୍ତେ ଜିଲା କାର୍ଯ୍ୟାଳୟରେ ଆସିଷ୍ଟାଣ୍ଟ କଲେକ୍ଟର ଭାବେ କାର୍ଯ୍ୟ କଲେ। ଏହାପରେ ୨୦୨୦ ନଭେମ୍ବର ୧୦ରେ ରାଜ୍ୟ ବିପର୍ଯ୍ୟୟ ଓ ପରିଚାଳନା ବିଭାଗ ପକ୍ଷରୁ ବାହାରିଥିବା ନିର୍ଦ୍ଦେଶନାମା (ଚିଠି ନଂ. ୩୨୪୩୪)ରେ ମହାନ୍ତିଙ୍କ ବଦଳି ଭୁବନେଶ୍ୱରରେ ଥିବା ଗେଲ୍ ଇଣ୍ଡିଆକୁ ହୋଇଥିଲା। କିନ୍ତୁ ସେ ଅଦ୍ୟାବଧି ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ସେହିପରି ଜିଲା କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିବା ଅମ୍ଳାନ ଅପରାଜିତା ମିଶ୍ରଙ୍କୁ ରାଜ୍ୟ ସରକାର ୨୦୨୦ ନଭେମ୍ବର ୧୫ (ଚିଠି ନଂ. ୩୨୯୩୬)ରେ ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲଦାର ଭାବେ ବଦଳି କରିଥିଲେ। ସେହି ଏକାଦିନ ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଲମ୍ବୋଦର ମାରାଣ୍ଡିଙ୍କର ମଧ୍ୟ ବଦଳି ନିର୍ଦ୍ଦେଶ ବାହାରିଥିଲା। ତାଙ୍କୁ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ତହସିଲଦାର ଭାବେ (ଚିଠି ନଂ. ୩୨୯୩୨) ବଦଳି କରାଯାଇଥିଲା। କିନ୍ତୁ ଉପରୋକ୍ତ ଦୁଇ ଅଧିକାରୀ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ପୂର୍ବସ୍ଥାନରେ କାର୍ଯ୍ୟ କରୁଛନ୍ତି। ଅନୁଗୋଳ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ପ୍ରଶାନ୍ତ ସିଂହଙ୍କୁ କଟକ ଜିଲା ବଡ଼ମ୍ବାର ସବରେଜେଷ୍ଟ୍ରି କାର୍ଯ୍ୟାଳୟକୁ ୨୦୨୦ ଅଗଷ୍ଟ ୫ ତାରିଖ (ଚିଠି ନଂ. ୨୩୯୨୯)ରେ ବଦଳି ହୋଇଥିଲା। କିନ୍ତୁ ସେ ମଧ୍ୟ ଏଯାଏ ଜିଲା ଛାଡ଼ିନାହାନ୍ତି। ଏମାନଙ୍କ ବ୍ୟତୀତ ଅନୁଗୋଳ ଜିଲା କାର୍ଯ୍ୟାଳୟରେ ଦୀର୍ଘ ଦିନ ହେବ ଗୋଟିଏ ଚୌକିରେ ବସିଥିବା ମୁଖ୍ୟ କିରାଣି ଓ ବରିଷ୍ଠ କିରାଣିମାନଙ୍କ ଚୌକି ଅଦଳବଦଳ ମଝିରେ କରାଯାଇଥିଲା। କିନ୍ତୁ ତାହା ମଧ୍ୟ କାର୍ଯ୍ୟକାରୀ ହୋଇପାରି ନ ଥିଲା। ଏ ସମ୍ପର୍କରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ବଦଳି ନିର୍ଦ୍ଦେଶ ଆସିଥିବା ଅଧିକାରୀମାନଙ୍କୁ ରିଲିଭ୍ କରାଯିବ। ଜିଲା କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ହେବ ଥିବା କର୍ମଚାରୀଙ୍କ ବଦଳି କରାଯିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି।

